# REGIONAL NEWS UNIT, AIR CUTTACK
## Evening Bulletin (6.45 PM)
**07th September - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ସୁଭଦ୍ରା ଯୋଜନା ମହିଳାମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କ ସ୍ୱପ୍ନକୁ ସାକାର କରିବ କହିଲେ ମୁଖ୍ୟମନ୍ତ୍ରୀ ।

— ଜିଲ୍ଲାସ୍ତରରେ ପରିକ୍ରମା କରୁଛି ସୁଭଦ୍ରା ଯୋଜନା ସଚେତନତା ରଥ ।

- ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହେଉଛି ବିଘ୍ନ ବିନାଶକ ମହାବିନାୟକଙ୍କ ଚତୁର୍ଥୀ ପୂଜା ।
- ଗଣପର୍ବ ନୂଆଖାଇ ପାଇଁ ପଶ୍ଚିମ ଓଡ଼ିଶା ଉତ୍ସବମୁଖର ।

— ଆସନ୍ତାକାଲି ଇଷ୍ଟଦେବୀଙ୍କ ପାଖରେ ଅର୍ପଣ କରାଯିବ ପ୍ରଥମ ଅମଳ ଖାଦ୍ୟଶସ୍ୟ ।

ଏବଂ

- ଲଘୁଚାପର ପ୍ରଭାବରେ ବର୍ଷା ହେବା ନେଇ ୨୧ଟି ଜିଲ୍ଲା ପାଇଁ ସତର୍କ ସୂଚନା ।

***Ctk, Gm, Bolangir, Gajapati, Bhadrak, Boudh, Khurda, Sonepur/R***

# ସୁଭଦ୍ରା ସଚେତନତା ରଥ

ରାଜ୍ୟର ପ୍ରତି ମହିଳାଙ୍କୁ ସୁଭଦ୍ରା ଯୋଜନା ସଶକ୍ତ କରିବା ସହ ସେମାନଙ୍କ ସ୍ୱପ୍ନକୁ ପୂରଣ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଚନ୍ତି । ରାଜ୍ୟସ୍ତରୀୟ ସୁଭଦ୍ରା ଯୋଜନା ସଚେତନତା ରଥକୁ ଭୁବନେଶ୍ୱର ଗାନ୍ଧୀମାର୍ଗଠାରେ ଶୁଭାରମ୍ଭ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଯୋଜନା ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୭ ତାରିଖରେ ଓଡ଼ିଶା ଗସ୍ତରେ ଆସି ଏହି ଯୋଜନାର ଶୁଭାରମ୍ଭ କରିବେ । ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ସମସ୍ତ ଯୋଗ୍ୟ ହିତାଧିକାରୀ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ରାଜ୍ୟର ୧ କୋଟିରୁ ଅଧିକ ମହିଳା ଏହି ଯୋଜନା ଦ୍ୱାରା ଉପକୃତ ହେବେ। ଏଥିପାଇଁ ପଞ୍ଜୀକରଣର ସମୟସୀମା ଧାର୍ଯ୍ୟ କରାଯାଇନାହିଁ । ଶେଷ ହିତାଧିକାରୀ ପର୍ଯ୍ୟନ୍ତ ଏହି ପଞ୍ଜୀକରଣ ଜାରି ରହିବ ବୋଲି ଉପମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ଜିଲ୍ଲାସ୍ତରରେ ପ୍ରଶାସନ ପକ୍ଷରୁ ସଚେତନତା ରଥ ଜିଲ୍ଲାର ବିଭିନ୍ନ ସ୍ଥାନ ଯାଇ ଏହି ଯୋଜନା ସମ୍ପର୍କରେ ଅବଗତ କରାଉଛି ।

**କଟକ** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସୁଭଦ୍ରା ସଚେତନତା ରଥକୁ ସାଂସଦ ଭର୍ତ୍ତୃହରି

ମହତାବ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଜିଲ୍ଲାର ୧୪ଟି ବ୍ଲକ୍‌ର ୧ ହଜାର ୬୨୬ଟି ସାଧାରଣ ସେବାକେନ୍ଦ୍ର ଓ ୩୬୨ଟି ମୋ ସେବାକେନ୍ଦ୍ରରେ ବିନା ମୂଲ୍ୟରେ ସୁଭଦ୍ରା ଯୋଜନା ଫର୍ମ ଉପଲବ୍ଧ ହେବା ସହ ପଞ୍ଜୀକରଣ କରାଯାଉଛି ।

**ଗଞ୍ଜାମ** ଜିଲ୍ଲାର ଛତ୍ରପୁରଠାରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍, ଛତ୍ରପୁର ବିଧାୟକ କୃଷ୍ଣ ନାୟକ ଏବଂ ଗଞ୍ଜାମ ଜିଲ୍ଲାପାଳଙ୍କଦ୍ୱାରା ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ ହୋଇଛି ।

**ବଲାଙ୍ଗିର** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସୁଭଦ୍ରା ସଚେତନତା ରଥକୁ ଜିଲ୍ଲାପାଳ ବିଜୟ କୁମାର ଦାସ ଆନୁଷ୍ଠାନିକ ଭାବେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।

**ଭଦ୍ରକ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ସବୁଜ ପତାକା ଦେଖାଇ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ୪ଟି ସୁଭଦ୍ରା ସଚେତନତା ରଥ ଜିଲ୍ଲାର ବିଭିନ୍ନ ବ୍ଲକ୍ ପରିକ୍ରମା କରି ଲୋକମାନଙ୍କୁ ସଚେତନ କରିବ ବୋଲି ଶ୍ରୀ ଦାସ କହିଥିଲେ । ଏହି କାର୍ଯ୍ୟକ୍ରମରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ ।

**ବୌଦ୍ଧ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସୁଭଦ୍ରା ସଚେତନତା ରଥର ସରକାରୀ ଦଳ ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ କୁମାର

ପ୍ରଧାନ ଓ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଜିଲ୍ଲାର ୩ଟି ବ୍ଲକ୍‌ରେ ୩ଟି ରଥ ପରିକ୍ରମା କରି ସୁଭଦ୍ରା ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବ ବୋଲି ବିଧାୟକ ଶ୍ରୀ ପ୍ରଧାନ କହିଛନ୍ତି ।

**ଖୋର୍ଦ୍ଧା** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ୩ଟି ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ଜିଲ୍ଲାର ୬ଟି ବ୍ଲକ୍ ପରିକ୍ରମା କରି ମହିଳା ହିତାଧିକାରୀମାନଙ୍କୁ ଯୋଜନା ସମ୍ବନ୍ଧରେ ସଚେତନ କରାଇବ । ଏହି କାର୍ଯ୍ୟକ୍ରମରେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଖୋର୍ଦ୍ଧା ବିଦାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ବେଗୁନିଆ ବିଧାୟକ ପ୍ରତୀପ କୁମାର ସାହୁଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବିଧାୟକ ଥିଲେ ।

**ସୁବର୍ଣ୍ଣପୁର** ଜିଲ୍ଲାପାଳଙ୍କ କାର୍ଯ୍ୟାୟରେ ତିନୋଟି ସୁଭଦ୍ରା ରଥକୁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ୍ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ସୁଭଦ୍ରା ସଚେତନତା ରଥ ୬ଟି ବ୍ଲକ୍ ପରିକ୍ରମା କରି ମହିଳାମାନଙ୍କୁ ଏହି ଯୋଜନା ସମ୍ପର୍କରେ ସଚେତନ କରାଇବ ।

***Desk***

# ଗଣେଶ ପୂଜା

ଭାଦ୍ରବ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥିରେ ଆଜି ଧରାପୃଷ୍ଠକୁ ବିଘ୍ନ ବିନାଶକ ମହାବିନାୟକ ବିରାଜମାନ କରିଛନ୍ତି । ମଧ୍ୟାହ୍ନ ସମୟରେ ବକ୍ରତୁଣ୍ଡଙ୍କୁ ଆବାହନ

କରିବା ବିଧି ଥିବାରୁ ରାଜ୍ୟର ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସମସ୍ତ ସ୍ଥାନରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଗଣେଶ ଚତୁର୍ଥୀ ପୂଜା ଅନୁଷ୍ଠିତ ହୋଇଛି ।  ଅଗ୍ରପୂଜ୍ୟ ବକ୍ରତୁଣ୍ଡ ଏବଂ ଗଣମାନଙ୍କର ସେନାପତିଙ୍କୁ ଆରାଧନା କରି କୌଣସି ମାଙ୍ଗଳିକ କାର୍ଯ୍ୟ ଆରମ୍ଭ କଲେ ତାହା ବିନା ବାଧାବିଘ୍ନରେ ସୂଚାରୁରୂପେ ସମ୍ପାଦିତ ହୋଇଥାଏ ବୋଲି ପୁରାଣରେ ବର୍ଣ୍ଣିତ ଅଛି।

ପୁରୀ ଶ୍ରୀମନ୍ଦିର ବଟଗଣେଶଙ୍କଠାରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ରାଜ୍ୟର ବିଭିନ୍ନ ଅନୁଷ୍ଠାନ, ବିଦ୍ୟାଳୟ, ସାମାଜିକ ପ୍ରତିଷ୍ଠାନ, ବ୍ୟାବସାୟିକ ପ୍ରତିଷ୍ଠାନ ଏବଂ କ୍ଲବ ଘରଗୁଡ଼ିକ ପକ୍ଷରୁ ଗଣେଶ ପୂଜା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ଗଣେଶ ଚତୁର୍ଥୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଖୋର୍ଦ୍ଧା ଜିଲ୍ଲା ଜଟଣୀ, ଢେଙ୍କାନାଳ, କଟକ, ଗଞ୍ଜାମ, ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସୁସଜ୍ଜିତ ମଣ୍ଡପରେ ଗଣନାୟକଙ୍କୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି।

***Ganjam/R***

# ପଞ୍ଚମା ପୀଠ - ଚତୁର୍ଥୀ ପୂଜା

ଗଞ୍ଜାମ ଜିଲ୍ଲାର ପଞ୍ଚମା ପୀଠରେ ଚତୁର୍ଥୀ ପୂଜା ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଛି । ସେଠାକୁ ରାଜ୍ୟ ତଥା ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ଅସ୍ଥାୟୀ କମିଟି ପକ୍ଷରୁ ସମସ୍ତ ପ୍ରକାର ବନ୍ଦୋବସ୍ତ ଗ୍ରହଣ କରାଯାଇଛି । ବ୍ରହ୍ମପୁର ଉପଜିଲ୍ଲାପାଳ ଓ କନିସି ତହସିଲ୍‌ଦାର ଉପସ୍ଥିତ ରହି ବ୍ୟବସ୍ଥାର ତଦାରଖ କରୁଛନ୍ତି ।

***Bhadrak/R***

# ବୁଢ଼ାଗଣେଶ

ଭଦ୍ରକ ସହରର ପୁରୁଣା ବଜାରଠାରେ ମୋଗଲ ଶାସନର ପାଞ୍ଚ ଶହ ବର୍ଷ ପୁରାତନ ପ୍ରସିଦ୍ଧ ବାବା ବୁଢ଼ାଗଣେଶ ପୂଜା ନୀତିକାନ୍ତି ଭକ୍ତି ଓ ଶ୍ରଦ୍ଧାର ସହ ଆରମ୍ଭ ହୋଇଛି । ସେହିପରି ପୂଜାମଣ୍ଡପରେ ପରମ୍ପରା ଅନୁଯାୟୀ ମାସେବ୍ୟାପୀ ଚାଲିବାକୁ ଥିବା ପୁରୁଣା ବଜାରର ଚାନ୍ଦିମେଢ଼ରେ ୫୪ ବର୍ଷର ଟୋକା ଗଣେଶ, କୁଆଁସ ଗ୍ରାମର ପ୍ରସିଦ୍ଧ ପିଲା ଗଣେଶ, କାଞ୍ଚନ ଗଣେଶ, ଛୁଆ ଗଣେଶ ଆଦିଙ୍କ ପୂଜା ଆରମ୍ଭ ହୋଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପୂଜା ମଣ୍ଡପରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

***Desk***

# ଭୁବନେଶ୍ୱର - ଗଣେଶ ବିସର୍ଜନ

ରାଜଧାନୀ ଭୁବନେଶ୍ୱରରେ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ପରିବେଶ ଉପଯୋଗୀ ନିୟମାବଳୀକୁ ଅନୁସରଣ କରି ମାର୍ଗଦର୍ଶିକା ଜାରି କରାଯାଇଛି । ମୂର୍ତ୍ତି ବିସର୍ଜନପାଇଁ ରାଜଧାନୀର ଦୁଇଟି ସ୍ଥାନ ଟଙ୍କପାଣି ବ୍ରିଜ୍ ଓ ଅନ୍ୟଟି ଦୟାନଦୀ କୂଳରେ ବି.ଏମ୍.ସି. ପକ୍ଷରୁ ଆୟୋଜନ କରାଯାଇଛି । ଯେଉଁମାନେ ମୁର୍ତ୍ତି ବିସର୍ଜନ କରିବାକୁ ଚାହିଁବେ, ବି.ଏମ୍.ସି. କଲ୍ୟାଣ ମଣ୍ଡପରେ ମୂର୍ତ୍ତି ହସ୍ତାନ୍ତର କଲେ ବି.ଏମ୍.ସି. ପକ୍ଷରୁ ମୂର୍ତ୍ତି ବିସର୍ଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି ।

***Boudh/R***

# ନୂଆଖାଇ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଆସନ୍ତାକାଲି ପାଳିତ ହେବ । ଇଷ୍ଟଦେବୀଙ୍କ ପାଖରେ ପ୍ରଥମ ଅମଳ ଖାଦ୍ୟଶସ୍ୟ ଅର୍ପଣ କରାଯିବା ପରେ ପରିବାରର ସଦସ୍ୟଙ୍କ ସହିତ ନବାନ୍ନ ଭକ୍ଷଣ କରିଥା'ନ୍ତି । ନୂଆଖାଇ କେବଳ ଏକ ପର୍ବ ନୁହେଁ, ବରଂ ଏହା ପଶ୍ଚିମ ଓଡ଼ିଶାର ଲୋକମାନଙ୍କର ଏକ

ସାଂସ୍କୃତିକ ଜୀବନଶୈଳୀ । ପଶ୍ଚିମ ଓଡ଼ିଶାର କଳାସଂସ୍କୃତି, ଭାଷା, ପରମ୍ପରା, ଚାଲିଚଳଣ ସହିତ ନୂଆଖାଇ ପର୍ବ ଜଡ଼ିତ । ବିଭିନ୍ନ ସ୍ଥାନରେ ନବାନ୍ନ ଭକ୍ଷଣ ପରେ ସାତ ଆଠ ଦିନ ପରେ ମଧ୍ୟ ସାଂସ୍କୃତିକ ଦଳ ଓ ମୁଖ୍ୟମାନଙ୍କୁ ନେଇ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ । ପଶ୍ଚିମ ଓଡ଼ିଶା ବ୍ୟତୀତ ରାଜ୍ୟ ବାହାରେ ବସବାସ କରୁଥିବା ପଶ୍ଚିମ ଓଡ଼ିଶାର ଲୋକ ଏବଂ ପ୍ରବାସୀ ଭାରତୀୟମାନେ ମଧ୍ୟ ନୂଆଖାଇ ଭେଟ୍‌ଘାଟ ଆୟୋଜନ କରିଥା'ନ୍ତି । ଆସନ୍ତାକାଲିର ଏହି ପର୍ବପାଇଁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଗାଁରୁ ସହର ଚଳଚଞ୍ଚଳ ହୋଇଉଠିଛି । ସମସ୍ତ ଗ୍ରାମ ଓ ସହରରେ ନୂଆଖାଇ ଉତ୍ସବ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ସମ୍ବଲପୁର ସମେତ ବରଗଡ଼, ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି, ସୁବର୍ଣ୍ଣପୁର, ବୌଦ୍ଧ, ଦେବଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ନୂଆଖାଇ ଉତ୍ସବପାଇଁ ଆବଶ୍ୟକ ସରଞ୍ଜାମ କିଣିବାପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି ।

***Desk***

## ବ୍ୟାଙ୍କ୍ ବନ୍ଦ୍

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଅବସରରେ ଆସନ୍ତା ସୋମବାର ଦିନ ରାଜ୍ୟର ସମସ୍ତ ବ୍ୟାଙ୍କ୍ ବନ୍ଦ୍ ରହିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏଥିସହ ଅନ୍ୟାନ୍ୟ ବ୍ୟାଙ୍କିଙ୍ଗ୍ ସଂସ୍ଥାଗୁଡ଼ିକ ମଧ୍ୟ ବନ୍ଦ୍ ରହିବ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ପୂର୍ବରୁ ରାଜ୍ୟ ସରକାର

ସୋମବାର ଦିନକୁ ସରକାରୀ ଛୁଟି ଭାବେ ଘୋଷଣା କରିଛନ୍ତି । ସୂଚନାଯୋଗ୍ୟ, ନୂଆଖାଇ ପର୍ବ ଆସନ୍ତା ୮ ତାରିଖ ରବିବାର ଛୁଟି ଦିନରେ ପଡୁଥିବାରୁ ଆସନ୍ତ ୯ ତାରିଖ ସୋମବାରକୁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି ।

***Desk***

## ବନରକ୍ଷୀ ପଦବି

ରାଜ୍ୟ ସରକାର ଆସନ୍ତା ୩ ମାସ ମଧ୍ୟରେ ୨ ହଜାର ବନରକ୍ଷୀ ପଦବୀ ପୂରଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି। ସୁଭଦ୍ରା ଯୋଜନା ସଚେତନତା ରଥକୁ ଆଜି ଶୁଭାରମ୍ଭ କରି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି, ବନରକ୍ଷୀ ପଦବୀ ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରସ୍ତୁତି ଆରମ୍ଭ ହୋଇଛି।

***Desk***

## ଝାଡ଼ାବାନ୍ତି ରୋଗ

ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍‌ର ବଡ଼ଟେମରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚେପଟିଆମ୍ବା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଥିବା ଅଭିଯୋଗ ହେବାରୁ

ଏକ ଡାକ୍ତରୀ ଦଳ ସେହି ଗ୍ରାମକୁ ଯାଇ ଚିକିତ୍ସା ଆରମ୍ଭ କରିଛନ୍ତି । ଆକ୍ରାନ୍ତ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ କରିବା ସହ ଗ୍ରାମବାସୀମାନଙ୍କୁ ସଚେତନ କରାଇଛନ୍ତି । ଝାଡ଼ାବାନ୍ତିର କାରଣ ଜଣାପଡ଼ି ନାହିଁ ବୋଲି ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅରବିନ୍ଦ ପଣ୍ଡା ସୂଚନା ଦେଇଛନ୍ତି ।

***Nayagarh/R***

## ବିନାୟକ ମିଶ୍ର - ଜୟନ୍ତୀ ସମାରୋହ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ତଥାସ୍ତୁ ଆନୁକୂଲ୍ୟରେ ନୟାଗଡ଼ ପଞ୍ଚାୟତ ସମିତି ସଭାଗୃହରେ ୧୩୧ତମ ରାଜ୍ୟସ୍ତରୀୟ ପଣ୍ଡିତ ବିନାୟକ ମିଶ୍ରଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ସାହିତ୍ୟିକ ବସିରନ୍ ବିବି'ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବିଭିନ୍ନ ସାହିତ୍ୟିକ ଯୋଗଦେଇ ପଣ୍ଡିତ ବିନାୟକ ମିଶ୍ରଙ୍କ ସାହିତ୍ୟକୃତି ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ୫୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

*Desk*

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା ଜିଲ୍ଲାରେ  ଘଡ଼ଘଡ଼ି ସହ ଅଧିକ ପରିମାଣରେ ବର୍ଷା ହେବା ନେଇ ଅନୁମାନ କରାଯାଇଛି । ୨୧ଟି ଜିଲ୍ଲାରେ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

*****